**ସଂକ୍ଷେପରେ**

## ସୋମନାଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ




**ଧରାକୋଟ,୧୯।୧(ଡି.ଏନ.ଏ.):** ଧରାକୋଟ ନିକଟସ୍ଥ ମୁଣ୍ଡମରାଇସ୍ଥିତ ସୋମନାଥ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ତଥା ୨୬ ତମ ବାର୍ଷିକ ଉତ୍ସବ ଏବଂ ପ୍ରତିଷ୍ଠାତା ସୋମନାଥ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ ମହାସମାରୋହ ସହ ପାଳନ କରାଯାଇଛି । ଅଧକ୍ଷ ଦିଗାମ୍ବର ବିଶୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'କଲୋଳିନୀ'କୁ ବିଧାୟିକା ଉନ୍ମୋଚନ କରିବା ସହ ଶୀଘ୍ର ମୁଣ୍ଡମରାଇରେ ଡିଗ୍ରୀ କଲେଜ ଖୋଲାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟ ପ୍ରଫେସର ଅମୃତ କୁମାର ସେଠୀ ମୁଖ୍ୟବକ୍ତା, ବିଡିଓ ରବିନାରାୟଣ ତ୍ରିପାଠୀ, ତହସିଲଦାର ଗଦାଧର ପାତ୍ର, ଆନନ୍ଦ ରାଓ ସୁବୁଦ୍ଧି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନ ପ୍ରତିଷ୍ଠାତା କିଶୋର ଚନ୍ଦ୍ର ସାହୁଙ୍କ ଉପସ୍ଥିତିରେ ୨ ଟପ୍ପରଙ୍କୁ ଆର୍ଥିକ ସହାୟତା, କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଛି । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପୋତାଗଡ଼ ମହୋତ୍ସବ ପାଇଁ ଜିଲାପାଳଙ୍କୁ ଭେଟିଲା ପରିଚାଳନା କମିଟି

**ଗଞ୍ଜାମ,୧୯।୧(ଡି.ଏନ.ଏ.):** ଗଞ୍ଜାମ ସହରରେ ଥିବା ଐତିହାସିକ ପୋତାଗଡ଼ରେ ଆସନ୍ତା ୩ରୁ ତିନିଦିନିଆ ମହୋତ୍ସବ ପ୍ରଥମଥର ପାଇଁ ହେବାକୁ ଯାଉଛି । ଏଥିପାଇଁ ପରିଚାଳନା କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି। ଶନିବାର ପୋତାଗଡ଼ ମହୋତ୍ସବ ପରିଚାଳନା କମିଟି ଆବାହକ ଗୌରୀ ଶଙ୍କର ବାରିକିଙ୍କ ନେତୃତ୍ୱରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅନୁପସ୍ଥିତି ହେତୁ ଅତିରିକ୍ତ ଜିଲାପାଳ କବିନ୍ଦ୍ର ସାହୁଙ୍କୁ ଭେଟି ଲିଖିତ ଭାବେ ଅବଗତ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁଙ୍କ ସହ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ମହୋତ୍ସବରେ ଜିଲା ଓ ଜିଲା ବାହାର କଳାକାରମାନଙ୍କୁ ପରିବେଷଣ ପାଇଁ ସୁଯୋଗ ଦିଆଯିବ ବୋଲି ସଂସ୍କୃତି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା କମିଟି। ଅତିରିକ୍ତ ଜିଲାପାଳଙ୍କୁ ଭେଟିବା ବେଳେ ବିନୋଦ ମହାପାତ୍ର, ଲିଙ୍ଗରାଜ ପଟ୍ଟନାୟକ, ସୂର୍ଯ୍ୟ ପାତ୍ର, ସନା ବେହେରା, ଅବସରପ୍ରାପ୍ତ ଅଧାପକ ଭୀକାରୀ ବେହେରା, ସାମାଜିକ କର୍ମୀ ଉମାକାନ୍ତ ବେହେରା ଉପସ୍ଥିତ ଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ କ୍ଷେତ୍ରପ୍ରଚାର ବିଭାଗର ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ

# ଶୌଚାଳୟ, ଡଷ୍ଟବିନ୍ ବ୍ୟବହାର କରିବାକୁ ପରାମର୍ଶ

**ବ୍ରହ୍ମପୁର ଅଫିସ,୧୯।୧**

ଭାରତ ସରକାରଙ୍କ କ୍ଷେତ୍ରପ୍ରଚାର ବ୍ରହ୍ମପୁର କାର୍ଯ୍ୟାଳୟ ପକ୍ଷରୁ ବ୍ରହ୍ମପୁର ମହାନଗର ୧୭ ନଂ. ୱାର୍ଡ ମିଲିଟାରୀଲାଇନ ଭିମାରାଓପେଟା ସାହିରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଭିମାରାଓପେଟା ଅଞ୍ଚଳରୁ ଏକ ଶୋଭାଯାତ୍ରା ବାହାରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସ୍ୱଚ୍ଛତା ଦିଗରେ ସଚେତନ କରାଯାଇଥିଲା । ଏହାପରେ ମହିଳା ଥାନା ପାର୍ଶ୍ୱରେ ସାଧାରଣ ସଭା ଆୟୋଜିତ ହୋଇଥିଲା । କ୍ଷେତ୍ରପ୍ରଚାର ଅଧିକାରୀ ମନମୋହନ ପାଢୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ପୂର୍ବତନ କର୍ପୋରେଟର ମମତା ବିଷୋୟୀ, ଗଞ୍ଜାମ ଜିଲା ମୁସଲିମ କଲଚରାଲ ଆସୋସିଏଶନ ସମ୍ପାଦକ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ମହମ୍ମଦ ଇବ୍ରାହିମ ଖାନ, ଉପଦେଷ୍ଟା ମହମ୍ମଦ ଜମିଲ, ଡା. ସାଗର ରଞ୍ଜନ ତ୍ରିପାଠୀ, ଅଧାପକ ସନତ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଦେଶ ତଥା ରାଜ୍ୟକୁ ସ୍ୱଚ୍ଛ ଓ ସୁନ୍ଦର କରିବା ଦିଗରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ କ୍ଷେତ୍ରପ୍ରଚାର ଅଧିକାରୀ ଗୁରୁତ୍ୱାରୋପ କରିଥିଲେ । ନିଜ ଆଖପାଖକୁ ସ୍ୱଚ୍ଛ ରଖିବା ସହ ଡଷ୍ଟବିନର ବ୍ୟବହାର, ଶୌଚାଳୟ ବ୍ୟବହାର କରିବାକୁ ଅତିଥିମାନେ ପରମର୍ଶ ଦେଇଥିଲେ । ପୂର୍ବତନ କର୍ପୋରେଟର ସ୍ୱଚ୍ଛତା ତଥା ଡଷ୍ଟବିନ ବ୍ୟବହାର ଗୁରୁତ୍ୱାରୋପ କରିଥିଲେ । ଓଡିଶୀ ନୃତ୍ୟାୟନର କଳାକାରମାନେ ଲୋକନୃତ୍ୟ ମାଧ୍ୟମରେ ସ୍ୱଚ୍ଛତା ଓ ବାହ୍ୟମଳମୁକ୍ତ ଉପରେ ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ ।

**ଲୋକନୃତ୍ୟ ମାଧ୍ୟମରେ ଅଞ୍ଚଳବାସୀଙ୍କୁ କରାଗଲା ସଚେତନ**

ଏହି ଅବସରରେ ଗଞ୍ଜାମ ଜଲା ମୁସଲିମ କଲଚୁରାଲ ଆସୋସିଏଶନକୁ ଦୁଇଟି ଡଷ୍ଟବିନ ପ୍ରଦାନ କରାଯାଇଥିଲା। ନିଜ ପରିପାର୍ଶ୍ୱକୁ ସ୍ୱଚ୍ଛ ରଖିବା, ଶୌଚାଳୟ ବ୍ୟବହାର, ଡଷ୍ଟବିନ ବ୍ୟବହାର କରିବାକୁ ଅଞ୍ଚଳବାସୀଙ୍କୁ ଶପଥପାଠ କରାଯାଇଥିଲା। ସ୍ୱଚ୍ଛଭାରତ ଓ ଜନସ୍ୱାସ୍ଥ୍ୟ ଉପରେ ବିଭାଗ ପକ୍ଷରୁ ସାଧାରଣଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କ୍ଷେତ୍ରପ୍ରଚାର ବ୍ରହ୍ମପୁର କାର୍ଯ୍ୟାଳୟ ଭିଏସ୍ ଫନୀ କୁମାର, ପ୍ରମୋଦ କୁମାର ସାବତ, ରଙ୍ଗାଧର ନାୟକଙ୍କ ସମେତ ଗଞ୍ଜାମ ଜିଲା ମୁସଲିମ କଲଚରାଲ ଆସୋସିଏଶନ କର୍ମକର୍ତ୍ତା ସହଯୋଗ କରିଥିଲେ । ଅଞ୍ଚଳବାସୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# ଜେଇଇ ମେନ୍‌ରେ ଆର୍ଯ୍ୟଭଟ୍ଟ ଛାତ୍ରଙ୍କ ସଫଳତା



ଜେଇଇରେ ସଫଳ ହୋଇଥିବା ଆର୍ଯ୍ୟଭଟ୍ଟର ଛାତ୍ରୀଛାତ୍ର ଓ କର୍ମକର୍ତ୍ତା ।

**ବ୍ରହ୍ମପୁର ଅଫିସ,୧୯।୧**

ନ୍ୟାଶନାଲ ଏଜେନ୍ସି ଦ୍ୱାରା ପରିଚାଳିତ ଜେଇଇ ମେନ ପରୀକ୍ଷା ଫଳ ଶନିବାର ଅପରାହ୍ନରେ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଆର୍ଯ୍ୟଭଟ୍ଟ ଅନୁଷ୍ଠାନର ସର୍ବାଧିକ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ଅନୁଷ୍ଠାନ ନିର୍ଦ୍ଦେଶକ ସୁଧୀର ରାଉତ ସୂଚନା ଦେଇଛନ୍ତି । ସେମାନଙ୍କ ମଧ୍ୟରେ ପରାଗ ପାଣିଗ୍ରାହୀ ସର୍ବୋଚ୍ଚ ୯୯.୮ ପ୍ରତିଶତ ନମ୍ବର ରଖିଥିବା ବେଳେ ୮ ଜଣ ୯୯ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖିଛନ୍ତି । ୨୦ ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ୯୫ ପ୍ରତିଶତ ମାର୍କ ରଖିଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ର ଓ ଅଭିଭାବକ ଅନୁଷ୍ଠାନର ନିଷ୍ଠାପର ଉଦ୍ୟମକୁ ପ୍ରଶଂସା କରିବା ସହ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ସୂଚନାଯୋଗ୍ୟ, ଚଳିତବର୍ଷରୁ ଜେଇଇ ମେନ ଯୁଗ୍ମ ପ୍ରବେଶିକା ପରୀକ୍ଷା ଦୁଇଥର ଅନୁଷ୍ଠିତ ହେବ । ଦୁଇ ପରୀକ୍ଷା ମଧ୍ୟରୁ ସର୍ବାଧିକ ନମ୍ବର ରଖିଥିବା ମାର୍କକୁ ଜତୀୟ ମେଧା ତାଲିକାରେ ଅନ୍ତର୍ଭୁକ୍ତ କରାଯିବା ବ୍ୟବସ୍ଥା ରହିଛି ।

## ଛାତ୍ରଙ୍କ ବୃତ୍ତି ପ୍ରଦାନକୁ ନେଇ ବିକ୍ଷୋଭ

**ପୁରୁଷୋତ୍ତମପୁର,୧୯।୧(ଡି.ଏନ୍.ଏ.)**

କେନ୍ଦ୍ର ସରକାର ଅନୁସୂଚିତ ବର୍ଗର ଛାତ୍ରୀଛାତ୍ରଙ୍କ ବୃତ୍ତି ପ୍ରଦାନ କ୍ଷେତ୍ରରେ ଶତକଡ଼ା ୯୦ ପ୍ରତିଶତ ପ୍ରଦାନ କରୁଥିଲେ। ବର୍ତ୍ତମାନ ତାହା ହ୍ରାସକରି ୨୦ ପ୍ରତିଶତରୁ କମ୍ ପ୍ରଦାନ କରୁଛନ୍ତି। ଏହାର ପ୍ରତିବାଦରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଶୁକ୍ରବାର ଅଶୋକ କୁମାର ମହାକୁଡ଼ଙ୍କ ନେତୃତ୍ୱରେ ପୁରୁଷୋତ୍ତମପୁର ତାରାତାରିଣୀ କଲେଜ, ଭାଟକୁମରଡ଼ା ବିଜ୍ଞାନ କଲେଜ, ସରକାରୀ ଆଇଟିଆଇ ଆଦି ଛାତ୍ରୀଛାତ୍ରମାନେ ନିଜ କଲେଜରେ ବିକ୍ଷୋଭ ପ୍ରଦର୍ଶନ ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ଅଭିଯାନ କରିଛନ୍ତି। ଏଥିରେ ନଗର ଛାତ୍ର ସଭପତି ସନତ ବେହେରା, ଦୀପକ ବେହେରା, ବାଳକୃଷ୍ଣ ବେହେରା, ଦୀପକ ଗୌଡ଼, ଲିପୁନ୍ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ପୋଲିସର ସ୍ୱୟଂସିଦ୍ଧା କାର୍ଯ୍ୟକ୍ରମ

**ବେଗୁନିଆପଡ଼ା,୧୯।୧(ଡି.ଏନ.ଏ.)**

କୋଦଳା ଆମ ପୋଲିସ ସମିତିର ସ୍ୱୟଂସିଦ୍ଧା କାର୍ଯ୍ୟକ୍ରମ ଶନିବାର ସୁମଣ୍ଡଳସ୍ଥିତ ରବିଘୋଷ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୋଦଳା ମହିଳା ମହାବିଦ୍ୟାଳୟର ଅଧକ୍ଷା ସରୋଜିନୀ ବ୍ରହ୍ମା ଓ ବରିଷ୍ଠ ଓକିଲ ବିଜୟଲକ୍ଷ୍ମୀ ପଟ୍ଟନାୟକ, କୋଦଳା ଥାନାଧିକାରୀ ସୁଶାନ୍ତ କୁମାର ସେଠୀ ଯୋଗଦେଇ କନ୍ୟାରତ୍ନ ସଦୃଶ୍ୟ, କନ୍ୟାଭ୍ରୂଣ ହତ୍ୟା ନ କରିବା, ସରକାର ନ୍ୟାୟାଳୟରେ ଥିବା ଆଇନର ସହାୟତା ଉପରେ ଆଲୋକପାତ କରିଥିଲେ । କୌଣସି ପରିସ୍ଥିତିରେ ନାରୀର ସୁରକ୍ଷା ଆବଶ୍ୟକ ପଡ଼ିଲେ ପୋଲିସ ତତ୍‌କାଳ ସହାୟତା ପ୍ରଦାନ ପାଇଁ ପ୍ରସ୍ତୁତ ବୋଲି ମଧ କହିଥିଲେ। ଏଥିରେ ସରପଞ୍ଚ ପ୍ରତିନିଧି ସନ୍ତୋଷ କୁମାର ସାହୁ, କୋଦଳା ଓ ବେଗୁନିଆପଡ଼ା ପୋଲିସ କର୍ମଚାରୀ, ଆମ ପୋଲିସ ସମିତିର ସଭ୍ୟ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ ।

■ ଦୁଇଦିନିଆ ରିମାଣ୍ଡ ଅବଧି ଶେଷ

# ଜେଲ ଗଲେ ଅଭିଯୁକ୍ତ ମାମୁ

**ବ୍ରହ୍ମପୁର ଅଫିସ,୧୯।୧**

ବ୍ରହ୍ମପୁର ସହର ଗୋଷାଣୀନୂଆଗାଁ ଥାନା ଅଧୀନ ସଦାନନ୍ଦ ବିହାର ସପ୍ତମ ଲେନ୍‌ରେ ଜଣେ ୭ ବର୍ଷର ନାବାଳକଙ୍କୁ ଅପହରଣ ଓ ହତ୍ୟା କରିବା ମାମଲାରେ ଅଭିଯୁକ୍ତ ସମ୍ପର୍କୀୟ ମାମୁ ଦେବାଶିଷ ପଣ୍ଡାଙ୍କ ଦୁଇ ଦିନିଆ ରିମାଣ୍ଡ ଅବଧି ଶନିବାର ଶେଷ ହେବା ପରେ ତାଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁପଠାଇଦିଆଯାଇଛି। ଶନିବାର ଗୋଷାଣୀନୂଆଗାଁ ପୋଲିସ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଦେବାଶିଷଙ୍କୁ ହାଜର କରାଇଥିଲା । ସେଠାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

**ନାବାଳକ ଅପହରଣ, ହତ୍ୟା ମାମଲା**



ଅଭିଯୁକ୍ତ ଦେବାଶିଷଙ୍କୁ କୋର୍ଟରେ ହାଜର କରାଯାଉଛି ।

ପ୍ରକାଶଯେ, ଗତ ୧୨ରେ ସଦାନନ୍ଦ ବିହାର ସପ୍ତମଲେନ୍‌ର ନିରୂପାରାଣୀ ଆଚାର୍ଯ୍ୟଙ୍କ ପ୍ରଥମ ଶ୍ରେଣୀରେ ପାଠ ପଢୁଥିବା ପୁଅ ଅଂଶୁମାନ(୭)ଙ୍କୁ ସମ୍ପର୍କୀୟ ମାମୁ ଦେବାଶିଷ ସ୍କୁଟି ନଂ ଓଡି୦୭ବି ୪୯୪୬ରେ ସ୍କୁଲରେ ଛାଡିବାକୁ ଯାଇ ଆଉ ଫେରି ନ ଥିଲେ । ବହୁ ଖୋଜାଖୋଜି କରିବା ପରେ ନିରୂପା ଗୋଷଣୀନୂଆଗାଁ ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ପୋଲିସ କେସ ନଂ. ୩/୧୯ରେ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଅଂଶୁମାନଙ୍କୁ ପଥରରେ ଛେଚି ହତ୍ୟା କରିଥିବା ଦେବାଶିଷ ସ୍ୱୀକାର କରିବା ପରେ ଗତ ୧୬ତାରିଖରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

■ ଡା. ଏମ୍.ସି. ଦଣ୍ଡପାଟ ସ୍ମାରକୀ କ୍ରିକେଟ

# ଆଜି ଅକ୍ସଫୋର୍ଡ଼-ଲିଡ୍‌ସ ସ୍ପୋର୍ଟିଂ ଫାଇନାଲ୍

**ବ୍ରହ୍ମପୁର ଅଫିସ,୧୯।୧**

ବ୍ରହ୍ମପୁର ଷ୍ଟାଡିୟମ୍ ଚାଲିଥିବା ଦ୍ୱିତୀୟ ଡା. ଏମ୍.ସି.ଦଣ୍ଡପାଟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ୍‌ରେ ଦ୍ୱିତୀୟ ଦଳ ଭାବେ ପ୍ରବେଶ କରିଛି ଅକ୍ସଫୋର୍ଡ଼ କ୍ରିକେଟ କ୍ଲବ। ରବିବାର ଟୁର୍ନାମେଣ୍ଟର ଫାଇନାଲ୍ ଆୟୋଜକ ଲିଡ୍‌ସ ସ୍ପୋର୍ଟିଂ କ୍ଲବ ଏବଂ ଅକ୍ସଫୋର୍ଡ଼ ମଧ୍ୟରେ ଖେଳାଯିବ। ଶନିବାର ଦ୍ୱିତୀୟ ସେମିଫାଇନାଲ୍ ଅକ୍ସଫୋର୍ଡ଼ ଏବଂ ଆଲ୍‌ଫା ସ୍ପୋର୍ଟିଂ କ୍ଲବ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଅକ୍ସଫୋର୍ଡ଼ ଦଳ ନିର୍ଦ୍ଧାରିତ ୩୦ଓଭର୍‌ରେ ୮ ଉଇକେଟ୍ ହରାଇ ୨୧୨ରନ୍ କରିଥିଲା। ଦଳ ତରଫରୁ ସୌମ୍ୟରଞ୍ଜନ ବେହେରା ସର୍ବାଧିକ ୬୨ ଏବଂ ଗଣେଶ କୁମାର ହୋତା ୪୧ରନ୍ କରିଥିଲେ । ଆଲ୍‌ଫାର ଅବଦୁର ରିଜୱାନ୍ ୩ ଏବଂ ଦିନେଶ ରାଉତ ୨ ଉଇକେଟ୍ ନେଇଥିଲେ। ବିଶାଳ ରନ୍‌ର ପିଛା କରିବାରେ ଆଲ୍‌ଫା ବିଫଳ ହୋଇଥିଲା। ଦଳ ୨୭ଓଭର୍ ୨ ବଲ୍‌ରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୧୪୦ରନ୍ କରିଥିଲା । ଦଳ ତରଫରୁ ସମୀର ସାହୁ ୩୫ରନ୍ କରିଥିଲେ । ଅନ୍ୟପଟେ ଅକ୍ସଫୋର୍ଡ଼ର ତାପସ ପାତ୍ର ଏବଂ ସନ୍ତୋଷ ରେଡ୍ଡୀ ୩ ଲେଖାଏ ଉଇକେଟ୍ ନେଇଥିବା ବେଳେ ସୌମ୍ୟରଞ୍ଜନ ବେହେରା ୨ ଉଇକେଟ୍ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ସୌମ୍ୟରଞ୍ଜନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ରେ ପୁରସ୍କୃତ କରାଯାଇଥିଲା। ଅମ୍ପାୟର ଭାବେ କେ.ଜଗନ୍ନାଥ ରାଓ ଏବଂ ପ୍ରସନ୍ନ ପାଢୀ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଶୁଭ୍ରରାଜ୍ କୁଜୁର ସ୍କୋରର ଦାୟିତ୍ୱରେ ଥିଲେ ।




ସୌମ୍ୟରଞ୍ଜନ ବେହେରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଉଛି ।

■ କୁଳପତିଙ୍କ ଭଞ୍ଜନଗର କଲେଜ ପରିଦର୍ଶନ

# ନିର୍ଦ୍ଧାରିତ ସମୟରେ ପରୀକ୍ଷାଫଳ ପ୍ରକାଶନ ପାଇଁ ତତ୍ପରତା



କୁଳପତି ଡ.ରାଜେନ୍ଦ୍ର ପ୍ରସାଦ ଦାସ କଲେଜ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

**ଭଞ୍ଜନଗର,୧୯।୧(ଡି.ଏନ.ଏ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଡ.ରାଜେନ୍ଦ୍ର ପ୍ରସାଦ ଦାସ ଶୁକ୍ରବାର ଭଞ୍ଜନଗର କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ କଲେଜ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଏହି ସମୟରେ ସେ ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଧ୍ୟାନ ଦେବାପାଇଁ ଅଧାପିକା ଅଧାପକଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ସେ କଲେଜରେ ହୋଇଥିବା ଯୁକ୍ତ୩ ମୂଲ୍ୟାୟନ କେନ୍ଦ୍ର, ଷ୍ଟ୍ରଙ୍ଗ୍‌ରୁମ୍ ପରିଦର୍ଶନ କରିଥିଲେ। ନିର୍ଦ୍ଧାରିତ ସମୟରେ ମୂଲ୍ୟାୟନ ଶେଷ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୁଳପତି ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଚଳିତବର୍ଷ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ନିର୍ଦ୍ଧାରିତ ସମୟରେ ଯୁକ୍ତ୩ ଶେଷବର୍ଷ ପରୀକ୍ଷାଫଳ ପ୍ରକାଶନ ପାଇଁ ଯୋଜନା ଚାଲିଛି। ବର୍ତ୍ତମାନ ୪ର୍ଥ ସେମିଷ୍ଟର ପରୀକ୍ଷାର ମୂଲ୍ୟାୟନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମେତ ଭଞ୍ଜନଗର ଓ ନବରଙ୍ଗପୁର କଲେଜରେ ଚାଲିଛି। କୁଳପତିଙ୍କ ଗସ୍ତ ସମୟରେ ଅଧକ୍ଷ ଡ. ନୀଳାଞ୍ଚଳ ମୁନି, ପ୍ରଶାସନିକ ଅଧିକାରୀ ଡ. ସୁବାସ ଚନ୍ଦ୍ର ପ୍ରଧାନ, ଡ. ରବୀନ୍ଦ୍ର ନାଥ ପାଳ, ପ୍ରାଧାପକ ଆର.କେ. ମିଶ୍ର, ବିଭୂତି ଭୂଷଣ ପାଣିଗ୍ରାହୀ, ରାଜେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



**ସେଲ୍‌ଫି କର୍ନର**



→ ସିତୁନ



→ ନବଘନ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

ଇମ୍ୟୁନିଟି ବଢ଼ାଏ
ସହସ୍ରାଧିକ ରୋଗରୁ ରକ୍ଷା କରେ
JOLLY
ପାଞ୍ଚ ପ୍ରକାର ତୁଳସୀରୁ ଅତି ବିଶେଷ ବିଧି ଦ୍ୱାରା ପ୍ରସ୍ତୁତ ଅର୍କ
ତୁଳସୀ 51 ଡ୍ରପ୍‌ସ
ଲ୍ୟାବ୍ ପ୍ରମାଣିତ ପ୍ରାକୃତିକ ଏବଂ ଶକ୍ତିଶାଳୀ ଇମ୍ୟୁନିଟି ବୁଷ୍ଟର
ବାସ୍, ଦୈନିକ ମାତ୍ର 5 ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗ ଜିଅନ୍ତୁ...
 କେଶ ହାନି
ଚର୍ମରୋଗ
କାଠବ୍ରଣ, ବ୍ରଣ
ଝିମିଝିମି ଲାଗିବା
ତୁଣ୍ଡ ଘା'
କାଲୁଆ ଲାଗିବା
ଏକାଗ୍ରତା ଅଭାବ
ମୁଣ୍ଡ ବୁଲାଇବା
କୋଷ୍ଠକାଠିନ୍ୟ
ପେଟ ଗ୍ୟାସ୍
ଏସିଡିଟି
ବଦହଜମି
ଶ୍ୱାସରୋଗ
କାଶ, କଫ
ଦୁର୍ବଳତା
କ୍ଳାନ୍ତିରେ ପ୍ରଭାବୀ




# As per clinical study report
କୌଣସି ସାଧାରଣ କେମିକାଲଯୁକ୍ତ ତୁଳସୀ ଡ୍ରପ୍ସ ସେବନ କରନ୍ତୁ ନାହିଁ, ବାଛନ୍ତୁ କେବଳ ଲ୍ୟାବ୍ ପ୍ରମାଣିତ# ସର୍ବୋତ୍ତମ ବ୍ରାଣ୍ଡ
ଜୋଲି ତୁଳସୀ 51 ଡ୍ରପ୍ସ କିଣିବା ସମୟରେ ଜୋଲିର ଲୋଗୋ JOLLY ନିଶ୍ଚୟ ଦେଖନ୍ତୁ। 0161-520-1588

ଏହି ଶୀତଋତୁରେ ମନ ଚାହୁଁଥିବା ସମୟ ପାଆନ୍ତୁ
ଜୋଶ୍, ଶକ୍ତି ଓ ସ୍ଫୂର୍ତ୍ତି ସହିତ



ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ ଥରେ ନିଶ୍ଚୟ ଆପଣାନ୍ତୁ
ପ୍ଲେ-ୱିନ୍ କ୍ୟାପ୍‌ସୁଲ®
୧ କ୍ୟାପ୍‌ସୁଲ୍ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ ବ୍ୟବହାର କରନ୍ତୁ ।
ଏକ୍ସଟ୍ରା ଟାଇମିଂ ପାଇଁ
HELPLINE : 09324906171
ନୂଆ ବିଶ୍ୱାସ ଭରପୂର ଶକ୍ତି ଏବଂ ମଜାଦାର ବୈବାହିକ ଜୀବନ ପାଇଁ ଇନ୍ଦ୍ରିୟ ଖରାପ ହେବା, ଶୀଘ୍ରପତନ ଦୂର କରିବା, ମନ ଚାହୁଁଥିବା ସମୟ ପ୍ରାପ୍ତ କରିବା, ଉଦ୍ଦୀପନାକୁ ପୁନଃ ଜାଗ୍ରତ କରାଇବା, ଅନ୍ୟାନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାବେଳେ ସେବନ କରନ୍ତୁ । ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ କରନ୍ତୁ ଏବଂ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ।




A Quality Product by Rajnish Wellness Limited
www.playwincapsule.com
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
SS : Mahendra Pharma / Orissa Drug Distributors
ଜୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ

## ସଂକ୍ଷେପରେ

### ୨୧ରୁ ମଦ ବିରୋଧୀ ଆନ୍ଦୋଳନ



**ବ୍ରହ୍ମପୁର ଅଫିସ୍,୧୯।୧:** ଆସନ୍ତା ୨୧ତାରିଖରୁ ୩୦ତାରିଖ ପର୍ଯ୍ୟନ୍ତ ଓଡ଼ିଶା ନିଶା ନିବାରଣ ଅଭିଯାନ ତରଫରୁ ରାଜ୍ୟରେ ସମ୍ପୂର୍ଣ୍ଣ ରୂପେ ମଦ ବନ୍ଦ କରିବା ପାଇଁ ଗଣଧାରଣା ଡାକରା ଦିଆଯାଇଛି । ବ୍ରହ୍ମପୁର ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ବ୍ରହ୍ମପୁରର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଯଥା ଯୁଗଶକ୍ତି, ଗାୟତ୍ରୀ ପରିବାର, ପତଞ୍ଜଳି ପରିବାର, ଲାୟନ୍ସ କ୍ଲବ, ୱାକର୍ସ କ୍ଲବ, ଲାଫିଙ୍ଗ୍ କ୍ଲବ, ସିନିୟର୍ ସିଟିଜେନ୍ ଫୋରମ୍, ଗଞ୍ଜାମ ଜିଲା ବିକାଶ ମଞ୍ଚ ଆଦି ସଂଗଠନଗୁଡ଼ିକ ସାମିଲ୍ ହେବେ। ମହାତ୍ମା ଗାନ୍ଧୀଙ୍କ ନିଶାମୁକ୍ତ ଭାରତ ଗଠନ ସ୍ୱପ୍ନକୁ ସାକାର କରିବା ପାଇଁ ଏହି ଆନ୍ଦୋଳନ ଡାକରା ଦିଆଯାଇଛି ବୋଲି ଶନିବାର ଗଞ୍ଜାମ କଳା ପରିଷଦରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଗଞ୍ଜାମ ଜିଲା ସମ୍ପାଦକ ଗୁପ୍ତେଶ୍ୱର ଷଡ଼ଙ୍ଗୀ ଏବଂ ରାଧାଚରଣ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ ପୋଲିସ ପରିବାର କଲ୍ୟାଣ ପ୍ରଦର୍ଶନୀ ଉଦ୍‌ଯାପିତ

**କଟକ ଅଫିସ, ୧୯।୧:** କଟକ ବାଲିଯାତ୍ରା ଉପର ପଡିଆରେ ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବ ଆନୁକୂଲ୍ୟରେ ଗତ ୧୭ ତାରିଖ ଠାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ପୋଲିସ ପରିବାର କଲ୍ୟାଣ ପ୍ରଦର୍ଶନୀ ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଯୋଗଦେଇ ଆଗାମୀ ଦିନରେ ଏହି ପ୍ରଦର୍ଶନୀକୁ ଅଧିକ ଆକର୍ଷଣୀୟ କରିବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବର ଉପାଧ୍ୟକ୍ଷ ବୀଣା ରାୟ ଶ୍ରୀବାସ୍ତବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ପରିବାର କଲ୍ୟାଣ କେନ୍ଦ୍ରଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ଷ୍ଟଲ୍ ସାଜସଜ୍ଜା ପାଇଁ କଟକର ଓଏସ୍ଏପି ଷଷ୍ଠ ବାଟାଲିୟନ ପ୍ରଥମ, ସୁନ୍ଦରଗଡ ପୋଲିସ ଜିଲା ଦ୍ୱିତୀୟ ଏବଂ ଓଏସ୍ଏପି ୪ର୍ଥ ବାଟାଲିୟନ ତୃତୀୟ ସ୍ଥାନ ଅଧିକାର କରିଥିଲା। ସେହିପରି ଖାଦ୍ୟ ପ୍ରସ୍ତୁତିକରଣ ଓ ସଂରକ୍ଷଣ ପାଇଁ ବ୍ରହ୍ମପୁର ପୋଲିସ ଜିଲା ପ୍ରଥମ, ଓଏସ୍ଏପି ୩ୟ ବାଟାଲିୟନ ଦ୍ୱିତୀୟ ଓ ଗଞ୍ଜାମ ପୋଲିସ ଜିଲା ତୃତୀୟ ସ୍ଥାନ ଅଧିକାର କରିଥିଲା। ହସ୍ତକଳା ଓ ସୂଚୀ କାର୍ଯ୍ୟ ପାଇଁ ଓଏସ୍ଏପି ୭ମ ବାଟାଲିୟନ ପ୍ରଥମ, ରାଉରକେଲା ପୋଲିସ ଜିଲା ଦ୍ୱିତୀୟ ଏବଂ ସୁନ୍ଦରଗଡ ପୋଲିସ ଜିଲା ତୃତୀୟ ସ୍ଥାନ ହାସଲ କରିଥିଲା। ସମସ୍ତ ବିଜେତାଙ୍କୁ ଅର୍ଥ ରାଶି ସହ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ପୋଲିସର କ୍ରୀଡାବିତ୍ କୁମାରୀ ସରସ୍ୱତୀ ଚାନ୍ଦଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

■ ୮ମ ଶ୍ରେଣୀ ନାବାଳିକା ଛାତ୍ରୀ ମା' ହେବା ଓ ନବଜାତ ଶିଶୁକନ୍ୟା ମୃତ୍ୟୁ ଘଟଣାର ପ୍ରତିବାଦ

# ଜିଲା ମହିଳା କଂଗ୍ରେସର ବିକ୍ଷୋଭ

■ ଆରଡିସିଙ୍କ ଅଫିସ ଆଗରେ ଗଣଧାରଣା

■ ୨ ମନ୍ତ୍ରୀଙ୍କୁ ବହିଷ୍କାର ଦାବି

ବ୍ରହ୍ମପୁର ଅଫିସ,୧୯।୧

ଗଞ୍ଜାମ ଜିଲା ମହିଳା କଂଗ୍ରେସ ପକ୍ଷରୁ ଶନିବାର ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆରଡିସିଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ଗଣଧାରଣା ଦିଆଯାଇଥିଲା। କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଧୀନ ଏକ ଆଦିବାସୀ ଆବାସିକ ବିଦ୍ୟାଳୟର ଜଣେ ୮ମ ଶ୍ରେଣୀ ନାବାଳିକା ଛାତ୍ରୀ ମା' ହେବା ଏବଂ ନବଜାତ ଶିଶୁ କନ୍ୟା ମୃତ୍ୟୁ ଘଟଣାର ପ୍ରତିବାଦ ସହ ଆଦିବାସୀ କଲ୍ୟାଣ ମନ୍ତ୍ରୀ ରମେଶ ମାଝି, ମହିଳା- ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କୁ ମନ୍ତ୍ରୀ ପଦରୁ ତୁରନ୍ତ ବହିଷ୍କାର ଦାବି ନେଇ ଆନ୍ଦୋଳନ କରାଯାଇଥିଲା ।

ମହିଳା କଂଗ୍ରେସ ଜିଲା ସଭାନେତ୍ରୀ ଆଇନଜୀବୀ ସ୍ୱରୂପା ତ୍ରିପାଠୀ ଆନ୍ଦୋଳନର ନେତୃତ୍ୱ ନେଇଥିବା ବେଳେ ବହୁ ସଂଖ୍ୟକ କର୍ମୀ ଏଥିରେ ସାମିଲ ହୋଇଥିଲେ । ବିକ୍ଷୋଭ ସ୍ଥଳରେ ଆୟୋଜିତ ପ୍ରତିବାଦ ସଭାରେ ସ୍ୱରୂପା ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ ।



ମହିଳା କଂଗ୍ରେସ ପକ୍ଷରୁ ଦିଆଯାଇଥିବା ଗଣଧାରଣା।

ବିଜେଡି ଶାସନରେ ନାରୀ ନିର୍ଯାତନା ବଢ଼ି ଚାଲିଥିବା, ଆଦିବାସୀ ଅଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ଗଣବଳାତ୍କାରର ନାବାଳିକାମାନେ ଶୀକାର ହେଉଥିବା ବେଳେ ଏହାକୁ ରୋକିବାରେ ନବୀନ ସରକାର ବିଫଳ ହୋଇଥିବା ସେ କଟାକ୍ଷ କରିଥିଲେ। ମହିଳାମାନେ ମଧ୍ୟ ଅସୁରକ୍ଷିତ ହୋଇଥିବା ଅଭିଯୋଗ କରାଯାଇଥିଲା। ଘଟଣା ପରେ ଏବେ ଢ଼େଙ୍କାନାଳ ଜିଲାରେ ଏଭଳି କାଣ୍ଡ ହୋଇଥିବାରୁ ସରକାରଙ୍କ ଢୁଗୁଲା ଶାସନ ପଦାରେ ପଡ଼ିଥିବା ତ୍ରିପାଠୀ ଦର୍ଶାଇଥିଲେ ।

ଉପରୋକ୍ତ ଦାବି ସମ୍ବଳିତ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ପ୍ରଦାନ କରାଯାଇଛି। ସେଥିରେ ଆବାସିକ ସ୍କୁଲର ୧୩ ବର୍ଷୀୟା ଛାତ୍ରୀ ୮ ମାସର ଗର୍ଭବତୀ ହେବା ସେଠାର କର୍ତ୍ତୃପକ୍ଷ ଜାଣି ମଧ୍ୟ ଲୁଚାଇବାର ପଦକ୍ଷେପ ନେଇଥିବା ଦର୍ଶାଯାଇଛି। କେତେକ ତଳିଆ କର୍ମଚାରୀଙ୍କୁ ନିଲମ୍ବିତ ଓ ବହିଷ୍କାର କରାଯାଇଥିଲେ ମଧ୍ୟ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ ଘଟଣାର ୮ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ରହସ୍ୟଜନକ ହୋଇଛି। ନିରପେକ୍ଷ ତଦନ୍ତ କରାଯିବା ଏବଂ ଦାୟିତ୍ୱରେ ଥିବା ଅନ୍ୟମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ମହିଳା କଂଗ୍ରେସର ପ୍ରତିମା ମିଶ୍ର, ରାଜେଶ୍ୱରୀ ସୁବୁଦ୍ଧି, ସୁପ୍ରିୟା ପାତ୍ର, ସୁଜ୍ଞାନୀ ପଟ୍ଟନାୟକ, ଜ୍ୟୋତ୍ସ୍ନା ପାତ୍ର ଓ କବି ପ୍ରଧାନ ପ୍ରମୁଖ ଗଣଧାରଣାରେ ସାମିଲ ହୋଇଥିଲେ। ଜିଲା କଂଗ୍ରେସ ସଭାପତି ତ୍ରିନାଥ ବେହେରା, କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, ବ୍ରହ୍ମପୁର ନଗର କଂଗ୍ରେସ ସଭାପତି ପ୍ରମୋଦ କୁମାର ଜେନା, ପିସିସି ସମ୍ପାଦକ ଭୋକାଲି ସେଠୀ ଓ ଅନ୍ୟମାନେ ଆନ୍ଦୋଳନରେ ଉପସ୍ଥିତ ଥିଲେ । ପୀଡ଼ିତାଙ୍କୁ ନ୍ୟାୟ ଦେବା ଏବଂ ସରକାର ତାଙ୍କୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମହିଳା କଂଗ୍ରେସ ଦାବି କରିଛି ।

### ଗୋପାଳପୁର କଲେଜରେ ସ୍ୱାକ୍ଷର ଅଭିଯାନ



ବ୍ରହ୍ମପୁର ଅଫିସ,୧୯।୧

ଭାଜପା ସରକାରଙ୍କ ଅନୁସୂଚିତ ଜାତି ଛାତ୍ରୀଛାତ୍ର ବିରୋଧୀ ନୀତି ବିରୋଧରେ ଗଞ୍ଜାମ ଜିଲା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଗୋପାଳପୁର କଲେଜରେ 'ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ' ଶନିବାର ଅନୁଷ୍ଠିତ ହୋଇଥିଲା । ଦଳର ଦକ୍ଷିଣ ଓଡ଼ିଶା ଜୋନ ସମ୍ପାଦକ ଲଲାଟ କୁମାର ଗୌଡଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ବିଜେଡି ସଭାପତି ଧନଞ୍ଜୟ ରାଓ, ଗୋପାଳପୁର ବିଜେଡି ସଭାପତି ଏ. ଜାନକୀ ରାମ, ବି. ରାଜୁ, ଜି. ମୋହନ ରାଓ, ଇ. ଲୋକନାଥ, ଭି. ସର୍ବେଶ୍ୱର ରାଓ, ଗଣେଶ ରେଡ୍ଡୀ, ସନ୍ଦୀପ କୁମାର ସାହୁ, ଲିପୁ ଗୌଡ, ଏସ. ରାକେଶ, ଜେ. ରାଜ କୁମାର, ବି. କଲ୍ୟାଣ କୁମାର, ପି. ରମେଶ ରେଡ୍ଡୀ, ସ୍ନେହଲତା ଗୌଡ, ସୁମନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ଅଭିଯାନରେ ସାମିଲ ହୋଇଥିଲେ ।

■ ଗୁରୁକୁଳ ଇଣ୍ଟରନ୍ୟାଶନାଲର ବାର୍ଷିକୋତ୍ସବ

# ମନ ଜିଣିଲା ଶିଶୁଙ୍କ ର୍‍ୟାମ୍ପ ଶୋ, ମାର୍ଶଲ ଆର୍ଟ



ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି ।

ବ୍ରହ୍ମପୁର ଅଫିସ,୧୯।୧

ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଗୁଡସ୍‌ଶେଡ୍ ରୋଡସ୍ଥିତ ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲର ସପ୍ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମକୁ ଜଗନ୍ନାଥ ପ୍ରସାଦର ପୂର୍ବତନ ବିଧାୟକ ସୀମାଞ୍ଚଳ ବେହେରା, ଅନୁଷ୍ଠାନ ସଭାପତି ପ୍ରକାଶ କୁମାର ପାତ୍ର, ସିନିୟର ୱିଙ୍ଗ ଅଧ୍ୟକ୍ଷ ଆର.କେ. ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ନିର୍ଦ୍ଦେଶିକା ରଞ୍ଜିନୀ ଗୋପାଳକ୍ରିଷ୍ଣନ ବାର୍ଷିକ ବିବରଣୀ ପାଠ କରିଥିଲେ । ଏକ ବର୍ଷ ମଧ୍ୟରେ ସ୍କୁଲ ପକ୍ଷରୁ ଆୟୋଜିତ ଗ୍ରାଣ୍ଡପ୍ୟାରେଣ୍ଟ ଡେ, ବିଜ୍ଞାନମେଳା, ଖ୍ରୀଷ୍ଟମାସ ଉତ୍ସବ, ଛାତ୍ରୀଛାତ୍ରଙ୍କ ର୍‍ୟାମ୍ପଶୋ ସହ ପରିବେଶ ସଚେତନତା ଓ ଗରିବଙ୍କ ପୋଷାକ ବିତରଣ ଭଳି ଆୟୋଜିତ ସାମାଜିକ କାର୍ଯ୍ୟକ୍ରମ ସ୍କୁଲକୁ ବହୁ ସୁନାମ ଆଣିଦେଇଛି । ନିକଟରେ ବାଙ୍ଗାଲୋରରେ ଅନୁଷ୍ଠାନର ୩ ଛାତ୍ର ୪୮ ଘଣ୍ଟା ଧରି ନନ୍ ଷ୍ଟପ ସ୍କେଟିଂ କରି ଜାତୀୟସ୍ତରରେ ପୁରସ୍କାର ହାସଲ କରିଥିବା ନିର୍ଦ୍ଦେଶିକା ବିବରଣୀ ମାଧ୍ୟମରେ ସୂଚାଇଥିଲେ । ଏହାପରେ ସ୍କୁଲ ଓଥଟେକ୍ସିଂ ସଙ୍ଗୀତରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଶିତ ଓଡିଶୀନୃତ୍ୟ, ଲୋକନୃତ୍ୟ, ସମ୍ବଲପୁରୀ ନୃତ୍ୟ, ମଟିନ ନୃତ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା । ବିଦ୍ୟାର୍ଥୀଙ୍କ ର୍‍ୟାମ୍ପ ଶୋ, ମାର୍ଶଲ ଆର୍ଟ, ସ୍କେଟିଂ ଶୋ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା । ଏହି ଅବସରରେ ଗୋଷାଣୀନୂଆଗାଁ ଥାନାଧିକାରୀ କୁଳମଣି ସେଠୀଙ୍କୁ ଶ୍ରେଷ୍ଠ ପୋଲିସ ଅଧିକାରୀ ଭାବେ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ବିଜ୍ଞାନ ମେଳା ଓ ବାର୍ଷିକ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ୧୫୦ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସ୍କୁଲ ସମ୍ପାଦିକା ଅନିତା ପାଢୀ ଧନ୍ୟବାଦ ଦେଇଥିଲେ ।

### ଶିଡ଼ିରୁ ଖସି ବୃଦ୍ଧ ମୃତ

ବ୍ରହ୍ମପୁର ଅଫିସ,୧୯।୧

ବୈଦ୍ୟନାଥପୁର ଥାନା ଅଧୀନ ଇନ୍ଦିରା ନଗର ପ୍ରଥମ ଲେନ୍ ଅଞ୍ଚଳରେ ଶିଡ଼ିରୁ ଖସି ଶନିବାର ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଆସିକା ଥାନା ତାରସିଂ ଗ୍ରାମର ଉଦୟନାଥ ପଟ୍ଟନାୟକ (୭୧) । ଉଦୟନାଥ ୨ ଦିନ ପୂର୍ବେ ଝିଅ ଘରକୁ ଆସିଥିଲେ। ଶନିବାର ସକାଳେ ଶିଡିରୁ ଓହ୍ଲାଉଥିବା ବେଳେ ଅସାବଧାନତାରୁ ଖସିଯାଇ ଗୁରୁତର ହୋଇ ପଡିଥିଲେ । ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ନଂ ୨୬/୧୯ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।

### ଶିକ୍ଷାବିତ୍‌ଙ୍କ ପରଲୋକ

**ବ୍ରହ୍ମପୁର ଅଫିସ୍,୧୯।୧:** ବିଶିଷ୍ଟ ଶିକ୍ଷାବିତ୍ ତଥା ଆସ୍କା ରୋଡ୍ ସୁବୁଦ୍ଧି ଦେବା ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିଲୋଚନ ମହାପାତ୍ର(୮୩)ଙ୍କର ଶୁକ୍ରବାର ପରଲୋକ ଘଟିଛି । ଗଞ୍ଜାମ ଓକିଲ ସଂଘର ପ୍ରାକ୍ତନ ସମ୍ପାଦକ ନୟନଚନ୍ଦ୍ର ମହାପାତ୍ରଙ୍କର ସେ ପିତା ଥିଲେ । ଗତ କିଛି ଦିନ ହେଲା ସେ ବାର୍ଦ୍ଧକ୍ୟ ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରୁଥିଲେ। ହେଲେ ସନ୍ଧ୍ୟାରେ ବାଲାଜୀପେଣ୍ଠସାହି ବାସଭବନରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨୦।୧।୨୦୧୯(ରବିବାର)**

- ଜିଲାସ୍ତରୀୟ ଭାରତ ସ୍କାଉଟ ଏବଂ ଗାଇଡ ଶିବିର ଉଦ୍‌ଯାପନ। ସ୍ଥାନ- ବୁଦ୍ଧଗିରି ବିଦ୍ୟାପୀଠ, ସମୟ- ଅପରାହ୍ନ ୩ଟା।
- ରକ୍ତଦାନ ଶିବିର। ସ୍ଥାନ-ତୁଳସୀନଗର ଦ୍ୱିତୀୟ ଲେନ୍, ସମୟ-ସକାଳ ୮ଟା ।
- ଜାତୀୟ ବାର୍ଦ୍ଧକ୍ୟଭତ୍ତା ଯୋଜନା ଆନ୍ଦୋଳନର ବୈଠକ। ସ୍ଥାନ-ନର୍ସିଂ କଲେଜର ସମ୍ମିଳନୀ କକ୍ଷ, ସମୟ- ଅପରାହ୍ନ ୧ଟା ।
- ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ଦ୍ୱିବାର୍ଷିକ ସମ୍ମିଳନୀ। ସ୍ଥାନ-ଏନ୍‌ଜିଓ ହଲ୍
- ସମୟ-ମଧ୍ୟାହ୍ନ ୧୨ଟା ୩୦ ମିନିଟ୍।
- ଡା.ଏମ୍.ସି ଦଣ୍ଡପାଟ୍ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନ। ସ୍ଥାନ-ବ୍ରହ୍ମପୁର ଷ୍ଟାଡିୟମ୍ ସମୟ-ଅପରାହ୍ନ ୪ଟା ।

**୨୧।୧।୨୦୧୯(ସୋମବାର)**

- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା। ସ୍ଥାନ- ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟ ପରିସର ଜି.ଉଦୟଗିରି, ସମୟ- ପୂର୍ବାହ୍ନ ୧୦ଟା।
- ପ୍ରାଣୀ ବିଜ୍ଞାନ ବିଭାଗର ଆଲୁମ୍ନି ଉତ୍ସବ। ସ୍ଥାନ- ପିପୁଲ୍ସ କଲେଜ ବୁଗୁଡ଼ା, ସମୟ- ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ନିଶା ନିବାରଣ ବିକ୍ଷୋଭ। ସ୍ଥାନ- ତହସିଲ୍ କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ।
- ସାଧନ ଦିବସ କାର୍ଯ୍ୟକ୍ରମ। ସ୍ଥାନ- ମ୍ୟୁନିସିପାଲ୍ କଲୋନୀ, ସମୟ- ଅପରାହ୍ନ ୧ଟା ।

**୨୩।୧।୨୦୧୯ (ବୁଧବାର)**

- ନେତାଜୀ ଜୟନ୍ତୀ ପାଳନ। ସ୍ଥାନ- ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଜି.ଉଦୟଗିରି, ସମୟ- ପୂର୍ବାହ୍ନ ୧୦ଟା।
- ଶୋଭନୀୟ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ। ସ୍ଥାନ- ବୁଗୁଡ଼ା, ଉକ୍ତ ସ୍କୁଲ ପରିସର, ସମୟ- ଅପରାହ୍ନ ୪ଟା।
- ମେଗା ରକ୍ତଦାନ ଶିବିର। ସ୍ଥାନ- ଫାଷ୍ଟଗେଟ୍, ସମୟ-ମଧ୍ୟାହ୍ନ ୧୨ଟା ୩୦ ମିନିଟ୍।
- ସପ୍ତବିଂଶତମ ବାର୍ଷିକ ଉତ୍ସବ। ସ୍ଥାନ- ଶ୍ରମିକ କଲ୍ୟାଣ ବିଦ୍ୟା ବିହାର, ସମୟ- ଅପରାହ୍ନ ୩ଟା ୩୦ ମିନିଟ୍।

**୨୫।୧।୨୦୧୯ (ଶୁକ୍ରବାର)**

- ଅସମାନତା ବିରୋଧୀ ଅଭିଯାନ। ସ୍ଥାନ-ହୋଟେଲ୍ ରାଧା, ସମୟ-ପୂର୍ବାହ୍ନ ୧୦ଟା ୩୦ ମିନିଟ୍।

**୨୬।୧।୨୦୧୯ (ଶନିବାର)**

- ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବ ଓ ମିଳିତ ପରେଡ। ସ୍ଥାନ- ହାବାକ ହାଇସ୍କୁଲ ଖେଳ ପଡ଼ିଆ- ଜି.ଉଦୟଗିରି, ସମୟ- ସକାଳ ୮ଟା ୩୦ ମିନିଟ୍।
- ବୁଗୁଡ଼ା ଏନ୍‌ଏସିରେ ଆହାର ଯୋଜନା ଶୁଭାରମ୍ଭ। ସ୍ଥାନ- ନୂତନ ବସ୍‌ଷ୍ଟାଣ୍ଡ, ସମୟ-ପୂର୍ବାହ୍ନ ୧୧ଟା।

# ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ


ଆଲୋଚନା ଚକ୍ରରେ ଉପସ୍ଥିତ ଆଲୋଚକମାନେ ।

ବ୍ରହ୍ମପୁର ଅଫିସ୍,୧୯।୧

ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ତରଫରୁ ଗଣେଶ ହଲ୍‌ରେ ଚାଲିଥିବା ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ବିଷୟ ଥିଲା 'ନାରୀକବି ସୀତାଦେବୀ ଖାଡ଼ଙ୍ଗା: ଏକ ଦୃଷ୍ଟିପାତ'। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଆଲୋଚକ ଭାବେ ବାଲିଗୁଡ଼ା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ନଳିନୀ କୁମାର ପାଣିଗ୍ରାହୀ ଏବଂ ନରେନ୍ଦ୍ରପୁର ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟାପକ ଡ. ହୃଷୀକେଶ ପଣ୍ଡା ଯୋଗ ଦେଇଥିଲେ। ଅଧ୍ୟାପିକା ଡ. ବିଦ୍ୟୁତ୍‌ପ୍ରଭା ସାହୁ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ଏହା ପରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ଶତପଥୀ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ସାହିତ୍ୟିକା ଅମିୟବାଳା ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ମା' କଲ୍ୟାଣମୟୀ ସରସ୍ୱତୀ ଯୋଗ ଦେଇଥିଲେ । ପ୍ରଫେସର ଉତ୍ତମା ଜେନା ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ପାଢୀ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ଡ. ଉଷା ରଥଙ୍କ ସମେତ ବହୁ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# ବିବାହ ବନ୍ଧନରେ ବାନ୍ଧିହେଲେ ଛ' ଦମ୍ପତି

■ ମଧ୍ୟସ୍ଥତା କଲା ଇନର ହ୍ୱିଲ କ୍ଲବ

■ ଦିବ୍ୟାଙ୍ଗ, ଦୃଷ୍ଟିହୀନଙ୍କୁ ମିଳିଲେ ଜୀବନସାଥୀ

■ ପ୍ରେମ ବିବାହ କଲେ ତିନି ଦମ୍ପତି

ବ୍ରହ୍ମପୁର ଅଫିସ୍,୧୯।୧

ସେମାନଙ୍କ ମଧ୍ୟରେ କେହି ଥିଲେ ମା' ବାପା ଛେଉଣ୍ଡ । କିଏ ଥିଲେ ଦିବ୍ୟାଙ୍ଗ ଆଉ କିଏ ଦୃଷ୍ଟିହୀନ, ଆଉ କିଏ ଆର୍ଥିକ ଅନଗ୍ରସର। ପେଟ ପାଇଁ ମୁଠେ ଦାନା ମିଳିଯାଉଥିଲା, କିନ୍ତୁ ବାହା ଘର ଭୋଜି ଦେବାକୁ ପାଖରେ ନ ଥିଲା ଆବଶ୍ୟକ ଅର୍ଥ । ଟଙ୍କା ଅଭାବରୁ ହୋଇପାରୁ ନ ଥିଲା ବାହାଘର। କୁହାଯାଏ ଯୋଡ଼ି ସ୍ୱର୍ଗରେ ସ୍ଥିର ହୁଏ। ସେମାନଙ୍କ ଯୋଡ଼ି ମଧ୍ୟ ବୋଧେ ସ୍ୱର୍ଗରେ ହୋଇ ଯାଇଥିଲା। କିନ୍ତୁ ମର୍ତ୍ତ୍ୟରେ ସେମାନଙ୍କୁ ଏକାଠି କରିଛି ବ୍ରହ୍ମପୁର ଇନର୍ ହ୍ୱିଲ୍ କ୍ଲବ । ଶନିବାର ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଗଣବିବାହ କାର୍ଯ୍ୟକ୍ରମ ଇନର୍ ହ୍ୱିଲ୍ କ୍ଲବ ତରଫରୁ ଆୟୋଜନ କରାଯାଇଥିଲା । ଏଥିରେ ୬ ଦମ୍ପତି ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ ।

ଯେଉଁ ଛ'ଜଣ ଦମ୍ପତି ବିବାହ କରିଛନ୍ତି, ସେମାନଙ୍କ ମଧ୍ୟରୁ ଗୋଟିଏ ଦମ୍ପତି ହେଲେ ଧରାକୋଟର ଶିବ ନାୟକ ଏବଂ କବିସୂର୍ଯ୍ୟନଗରର ରିଙ୍କି ନାୟକ । ଶିବ ଜଣେ ଦୃଷ୍ଟିବାଧିତ ଯୁବକ । ପିଲାଟି ଦିନରୁ ସେ ଦୃଷ୍ଟିଶକ୍ତି ହରାଇଛନ୍ତି। ନାନା ସରକାରୀ ସୁବିଧା ଏବଂ ସଚେତନତା, ଏପରିକି ଦୃଷ୍ଟିହୀନମାନେ କୌଣସି ଗୁଣରେ କମ୍ ନୁହଁ ବୋଲି କୁହାଯାଉଥିଲେ ମଧ୍ୟ ସେମାନଙ୍କ ପ୍ରତି ସାମାଜିକ ଦୃଷ୍ଟିଭଙ୍ଗୀ ବଦଳିନି । ଏଥି ଯୋଗୁ ଶିବଙ୍କ ବିବାହ ହୋଇପାରୁ ନ ଥିଲା। ଅନ୍ୟପଟେ ରିଙ୍କି ଅନେକ ବର୍ଷ ହେଲା ମା' ଏବଂ ବାପାଙ୍କୁ ହରାଇ ଛେଉଣ୍ଡ ହୋଇଯାଇଛନ୍ତି । ନିକଟ ସମ୍ପର୍କୀୟ ତାଙ୍କୁ ପାଳି ପୋଷି ବଡ଼ କରିଛନ୍ତି। ପାଠ ପଢ଼ାଇ ଶିକ୍ଷିତ କରିଛନ୍ତି । ହେଲେ ପାଖରେ ଟଙ୍କା ନ ଥିବା ଯୋଗୁ ବାହାଘର ହୋଇପାରୁ ନ ଥିଲା । ଏକ ସ୍ୱେଚ୍ଛାସେବୀ ସଂଗଠନ ଜରିଆରେ ଇନର୍ ହ୍ୱିଲ୍ କ୍ଲବର ସଦସ୍ୟାମାନେ ଜାଣିବା ପରେ ଉଭୟଙ୍କ ବିବାହ କରାଇଛନ୍ତି। କେବଳ ଏହି ଗୋଟିଏ ଯୋଡ଼ି ନୁହଁ, କବିସୂର୍ଯ୍ୟନଗରର ରଞ୍ଜନ ନାୟକ ଏବଂ ଜନନୀ ନାୟକଙ୍କ ମିଳନ କାହାଣୀ ମଧ୍ୟ ରୋଚକ । ଜନନୀ ଦିବ୍ୟାଙ୍ଗ । ତାଙ୍କର ଗୋଟିଏ ହାତ ଆଂଶିକ ଅଚଳ। ପୁଅମାନେ ବାହାଘର ପାଇଁ ଜନନୀଙ୍କୁ ଦେଖିବାକୁ ଆସୁଥିଲେ । କିନ୍ତୁ ହାତ ଅବସ୍ଥା ଦେଖିବା ପରେ ରାଜି ହେଉ ନ ଥିଲେ। ଜନନୀଙ୍କ ବିବାହ ହୋଇପାରୁ ନ ଥିଲା। ତାଙ୍କ ସମ୍ପର୍କରେ ଇନର୍ ହ୍ୱିଲ୍ କ୍ଲବ ଜାଣିବା ପରେ ଜନନୀ ଏବଂ ରଞ୍ଜନଙ୍କୁ ବାହା ଦେଇଛନ୍ତି ।

ଅନ୍ୟ ୪ ଯୋଡ଼ିର ମିଳନ ଘଟଣାକ୍ରମ ମଧ୍ୟ ଭିନ୍ନ। ପୁରୁଣା ବ୍ରହ୍ମପୁରର ପ୍ରତିମା ନାୟକ । ସେ ମଧ୍ୟ ମା' ବାପାଙ୍କୁ ହରାଇ ଭାଇମାନଙ୍କ ପାଖରେ ରହୁଥିଲେ। ନିଜ ଗୁଜରାଣ ମେଣ୍ଟାଇବା ପାଇଁ ଏକ କଲେଜରେ ସଫେଇ କର୍ମଚାରୀମାନେ କାର୍ଯ୍ୟ କରୁଥିଲେ । ଇନର୍ ହ୍ୱିଲ୍‌ର ଜଣେ ସଦସ୍ୟା ତାଙ୍କ ବିଷୟରେ ଜାଣିବା ପରେ ଶନିବାର ଏହି ଗଣବିବାହ ଉତ୍ସବରେ ବୁଗୁଡ଼ାର ନାରାୟଣ ନାୟକ ନାମକ ଜଣେ ଯୁବକଙ୍କୁ ବିବାହ କରାଇଛନ୍ତି। ତେବେ ତିନିଟି ଯୋଡ଼ି ଏମିତି ମଧ୍ୟ ଅଛନ୍ତି, ଯେଉଁମାନେ ପୂର୍ବରୁ ପରସ୍ପରକୁ ପ୍ରେମ କରୁଥିଲେ । ହେଲେ ବିଭିନ୍ନ କାରଣରୁ ସେମାନଙ୍କ ବିବାହ ହୋଇପାରୁ ନ ଥିଲା । ଖଲ୍ଲିକୋଟର ପ୍ରମୋଦ ଜାନୀ ଏବଂ ବାଇଦପଡ଼ାର ଫୁଲ ଶବର, ରମ୍ଭାର ଅବିନାଶ ବେହେରା ଏବଂ ଝଟିପଦରର ପ୍ରମିଳା ପ୍ରଧାନ ଓ ରମ୍ଭାର ପ୍ରତାପ ବେହେରାଙ୍କ ସହ ରମ୍ଭାର ସେବତୀ ବେହେରା । ବିବାହ ଉତ୍ସବରେ ସମସ୍ତ ଯୁବତୀ ଯୁବକଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ। ନବବିବାହିତଙ୍କୁ କ୍ଲବ ତରଫରୁ ବିଭିନ୍ନ ଗୃହ ଉପକରଣ ପ୍ରଦାନ କରାଯାଇଥିଲା। ପରେ ଏକ ଭୋଜିର ଆୟୋଜନ ମଧ୍ୟ ହୋଇଥିଲା।


ଇନର୍ ହ୍ୱିଲ୍ କ୍ଲବର ସଦସ୍ୟାଙ୍କ ଗହଣରେ ନବଦମ୍ପତିମାନେ ।

କ୍ଲବ ସଭାନେତ୍ରୀ ଜେ. ସରିତା କହିଛନ୍ତି, ସାମାଜିକ କାର୍ଯ୍ୟ କରିବା କ୍ଲବର ଉଦ୍ଦେଶ୍ୟ । ଏହି ଯୁବତୀ ଯୁବକଙ୍କ ସମସ୍ୟା ଜାଣିବା ପରେ ବିବାହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଆଗାମୀ ଦିନରେ ମଧ୍ୟ ଜନହିତକର କାର୍ଯ୍ୟ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦିକା ଜେ.ଦୀପା, ପ୍ରକଳ୍ପ ଅଧ୍ୟକ୍ଷା ପି.ଦିବ୍ୟା ରୂପା, ଲୋକସମ୍ପର୍କ ଅଧିକାରିଣୀ ରଞ୍ଜନା ମିଶ୍ର, ଅମିତା ଦାସ, ଜେ.ସୁଧା ରାଣୀ, କଲ୍ୟାଣୀ ଚୌଧୁରୀ, ରିତା ଚୌଧୁରୀ, ପବିତ୍ରା ପଟ୍ଟନାୟକ, ସସ୍ମିତା, ରୁବି, ସଂଯୁକ୍ତା, ରଞ୍ଜନା, ବନ୍ଦିତା, ମାଧବୀ, ଅଞ୍ଜନା, ସୋନି, କେ. ଦୀପା, ଗାୟତ୍ରୀ, ଖୁସବୁ, ଶ୍ରାବଣୀ ପ୍ରମୁଖ ସହଯୋଗ ଏବଂ ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ଯୁବକଙ୍କୁ ପଥରରେ ଛେଚି ହତ୍ୟା

ଆସିକା,୧୯।୧(ଡି.ଏନ୍.ଏ.)- ଆସିକା ଥାନା କୋଟିନଡା ଫାଣ୍ଡି ଭେଙ୍କଟରାଇପଲ୍ଲୀ ଗ୍ରାମ ନିକଟରେ ଶୁକ୍ରବାର ରାତିରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ମୃତକ ଜଣକ ହେଲେ ଭେଙ୍କଟରାଇପଲ୍ଲୀ ଗ୍ରାମର ରବୀନ୍ଦ୍ର ନାହାକ (୨୨)। ଶୁକ୍ରବାର ସନ୍ଧ୍ୟାରେ ସେ ପିଉସୀଙ୍କୁ ଛାଡିବାକୁ ଯାଇଥିବାବେଳେ ଶନିବାର ସକାଳୁ ତାଙ୍କ ମୃତଦେହ ଗାଁ ଠାରୁ ଅନତି ଦୂର ରାସ୍ତା କଡରୁ ମିଳିଛି। ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟାରେ ରବୀନ୍ଦ୍ର ତାଙ୍କ ପିଉସୀଙ୍କୁ ବାଇକରେ ଗ୍ରାମଠାରୁ ୩/୪କିମି ଦୂର କେ.ନୂଆପଲ୍ଲୀ ଗ୍ରାମକୁ ଛାଡିବା ପାଇଁ ଯାଇଥିଲେ। ରାତିରେ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଶନିବାର ସକାଳୁ ଗ୍ରାମଠାରୁ କିଛି ଦୂରରେ ରାସ୍ତା କଡରେ ବାଇକ ସହ ରବୀନ୍ଦ୍ରଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ପାରିବାରିକ କନ୍ଦଳକୁ କେନ୍ଦ୍ରକରି ରବୀନ୍ଦ୍ରଙ୍କୁ ହତ୍ୟା କରାଯାଇଥିବା ବାପା ରମେଶ ନାହାକ ଆସିକା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ନଂ.୨୪/୨୯ରେ ଏକ ହତ୍ୟା ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ଆସିକା ସରକାରୀ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି।

### କଂଗ୍ରେସରେ ଯୋଗ ଦେଲେ ବିଜେଡି, ଭାଜପା କର୍ମୀ

ରାଇକିଆ,୧୯।୧(ଡି.ଏନ୍.ଏ.)-ରାଇକିଆ ବ୍ଲକର ମଣ୍ଡାକିଆ ପଞ୍ଚାୟତରେ କଂଗ୍ରେସର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ସଭାପତି ପ୍ରତାପ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ ପଟ୍ଟନାୟକ, ହିରା ସିଂ ମଣ୍ଡଳ, ଟିକାବାଲି ଜୋନ ସଭାପତି ଗୋକୁଳ ପ୍ରଧାନ, ଜିଲା ସମ୍ପାଦକ ପ୍ରଫୁଲ୍ଲ ଦିଗାଳ, ରାଇକିଆ ଜୋନ ସଭାପତି ପରାମାନନ୍ଦ ପଣ୍ଡା ଯୋଗ ଦେଇ ଆଗାମୀ ନିର୍ବାଚନରେ ସଙ୍ଗଠନ ହୋଇ କାମ କରିବେ ସେ ନେଇ ଆଲୋଚନା କରିଥିଲେ । ତୃଣମୂଳ ସ୍ତରରେ କିପରି କେନ୍ଦ୍ର ସରକାର ଓ ରାଜ୍ୟ ସରକାର ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବାରେ ବିଫଳ ହୋଇଛନ୍ତି ସେ ନେଇ ଆଲୋଚନା ହୋଇଥିଲା। କର୍ମୀ ସମ୍ମିଳନୀରେ ସଙ୍ଗଠକ ପ୍ରତାପ ପ୍ରଧାନଙ୍କ ନେତୃତ୍ୱକୁ ସମର୍ଥନ କରି ବହୁ ବିଜେଡି ଓ ଭାଜପାର କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ରାଇକିଆ, ଟିକାବାଲି, ଜି.ଉଦୟଗିରି,ଦାରିଙ୍ଗିବାଡ଼ି ବ୍ଲକର ବହୁ କର୍ମୀ ଯୋଗ ଦେଇଥିଲେ ।

### ବିଦ୍ୟୁତ୍ ଆଘାତରେ ମହିଳା ମୃତ

ଗଞ୍ଜାମ,୧୯।୧(ଡି.ଏନ.ଏ.)-ଗଞ୍ଜାମ ଥାନା ୱାର୍ଡ ନଂ. ୧୨ ଦାମୋଦରପୁର ଗ୍ରାମର ଜଣେ ମହିଳାଙ୍କ ଶନିବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସେ ହେଲେ ଦାମୋଦରପୁର ଗ୍ରାମର ଗନ୍ତେଇ ବେହେରାଙ୍କ ସ୍ତ୍ରୀ ରଶ୍ମି (୩୭)। ରଶ୍ମି ଘରେ ରୋଷେଇ କରୁଥିବା ବେଳେ ହଠାତ୍ ବିଦ୍ୟୁତ୍ ତାର ଦେହରେ ଲାଗି ଯାଇଥିଲା। ଫଳରେ ସେ ଘରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଗ୍ରାମବାସୀ ପ୍ରଥମେ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଛତ୍ରପୁର ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସୁଦ୍ରାଠାରେ ମାଓବାଦୀ ପୋଷ୍ଟର

# ପୋଲିସର ଖବରଦାତାଙ୍କୁ ମୃତ୍ୟୁଦଣ୍ଡ ଧମକ

ବାଲିଗୁଡା,୧୯।୧(ଡି.ଏନ୍.ଏ.)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ସୁଦ୍ରା ପଞ୍ଚାୟତରେ ମାଓବାଦୀମାନେ ନିଜ ସ୍ଥିତି ଜାହିର କରିଛନ୍ତି। ସୁଦ୍ରା ହାଇସ୍କୁଲ୍ ଗେଟ୍ ଓ ବିଭିନ୍ନ କାନ୍ଥରେ ଶନିବାର ସକାଳୁ କେକେବିଏନ୍ ମାଓବାଦୀ ସଙ୍ଗଠନର କାନ୍ଥ ପତ୍ରିକା ମରାଯାଇଥିବା ଦେଖିବାକୁ ମିଳିଛି। ପୋଷ୍ଟରରେ ପୋଲିସ ଖବରଦାତା ସନ୍ଦେହରେ ଜଣଙ୍କୁ ମୃତ୍ୟୁଦଣ୍ଡ ଧମକ ମଧ୍ୟ ଦେଇଛନ୍ତି। ଏନେଇ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

ପ୍ରକାଶ ଯେ, ଶନିବାର ସକାଳୁ କେକେବିଏନ୍ ମାଓବାଦୀ ଡିଭିଜନ ଲେଖାଥିବା କାନ୍ଥ ପତ୍ରିକା ହାଇସ୍କୁଲ ଗେଟ୍ ସମେତ କେତେକ ସ୍ଥାନରେ ଲଗାଯାଇଥିବା ଦେଖିବାକୁ ମିଳିଥିଲା। ଉକ୍ତ ପୋଷ୍ଟରରେ ଜାନୁୟାରୀ ୧୨ରୁ ଫେବୃୟାରୀ ୧୨ ପର୍ଯ୍ୟନ୍ତ ଦୀର୍ଘ ଏକ ମାସ ଧରି ପିଏଲ୍‌ଜିଏର ପ୍ରତିରୋଧ ସପ୍ତାହ ପାଳନ କରିବାକୁ ଆହ୍ୱାନ ଦିଆଯାଇଛି। ଏଥିସହ ସୁଡୁକୁମ୍ପା ଭଳି ବିଭିନ୍ନ ସ୍ଥାନରେ ପୋଲିସ୍‌ର ଖବରଦାତା ସାଜିଥିବା ରବି କହଁରଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ଉଲ୍ଲେଖ ରହିଛି। ମାତ୍ର ରବି କହଁର କିଏ ସେ ନେଇ ସ୍ପଷ୍ଟ ଲେଖା ଯାଇ ନାହିଁ। କେକେବିଏନ୍ ଡିଭିଜନ୍ ଭିତରେ ପୋଲିସ୍ ଗୁଇନ୍ଦା ଓ ଖବରଦାତା ସାଜି କାମ କରୁଥିବା କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ନାମ ମଧ୍ୟ ପତ୍ରିକାରେ ରହିଛି।

ମୋଦିଙ୍କ ଦ୍ୱିତୀୟ ସର୍ଜିକାଲ୍ ଷ୍ଟ୍ରାଇକ୍, ଦଶ ପ୍ରତିଶତ ଆରକ୍ଷଣ ଘୋଷଣାକୁ କଳାଦିବସ ଭାବେ ପାଳନ କରିବାକୁ ତାଗିଦ୍ ମଧ୍ୟ କରାଯାଇଛି। କନ୍ଧମାଳ ଏସ୍‌ପି ଔଷଧ ବଦଳରେ ଟାଟିଆ କାମୁଡା ନୀତି ବନ୍ଦ କରନ୍ତୁ ବୋଲି ଉଲ୍ଲେଖ ରହିଛି। ତଳେ କେକେବିଏନ୍ ଡିଭିଜନ୍ ସିପିଆଇ(ମାଓବାଦୀ) ବୋଲି ଉଲ୍ଲେଖ ରହିଛି। ଖବର ଲେଖାହେବା ସୁଦ୍ଧା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନଥିବା ଜଣାପଡିଛି। ଏହି ଘଟଣା ପରେ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡାକଡି କରାଯାଇଥିବା ଜଣାପଡିଛି।



ମାଓବାଦୀ ପୋଷ୍ଟର।

## କେନ୍ଦ୍ରୀୟ ଅବହେଳାର ପ୍ରତିବାଦ

# ଜିଲା ଛାତ୍ର ବିଜେଡିର ପ୍ରତିବାଦ


ଛାତ୍ର ବିଜେଡି ପକ୍ଷରୁ ପ୍ରତିବାଦ କରାଯାଉଛି।

ଛତ୍ରପୁର,୧୯।୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଛାତ୍ର ବିଜେଡି ପକ୍ଷରୁ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ସମ୍ମୁଖରେ ଶନିବାର 'ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର' ଅଭିଯାନ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାର ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ପାଇଁ ଅନୁଦାନ ହ୍ରାସ ନେଇ ଜିଲା ଛାତ୍ର ବିଜେଡି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଥିଲା। ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ପ୍ରଶାନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବେଣୁଧର ବେହେରା, ଅଜିତ ସ୍ୱାଇଁ, ବବୁଲୁ ନାୟକ, ଶେଖର ନାହକ, ଜିତୁରାଜ ବେହେରା ଓ ବୁନୁ ମିଶ୍ର ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ କଲେଜ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ବୈମାତୃକ୍ତ ମନୋଭାବର ଦୃଢ ନିନ୍ଦା କରାଯିବା ସହ ଛାତ୍ରୀଛାତ୍ରମାନଙ୍କଠାରୁ ସ୍ୱାକ୍ଷର ଅଭିଯାନ ଆରମ୍ଭ ହୋଇଥିଲା। ଏନେଇ ରାଜ୍ୟ ସରକାର ପୂର୍ବରୁ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀଙ୍କ ନିକଟକୁ ପତ୍ରଲେଖି ଏହି ଛାତ୍ରବୃତ୍ତି ପ୍ରଦାନ ନିୟମରେ ପୂର୍ବରୁ ପ୍ରଚଳିତ ଥିବା ବ୍ୟବସ୍ଥାକୁ ପୁଣି ଥରେ ଆରମ୍ଭ କରାଯିବା ପାଇଁ ଅନୁରୋଧ କରାଯାଇଥିଲା। ଛାତ୍ର ବିଜେଡି ପକ୍ଷରୁ ଏହି ସ୍ୱାକ୍ଷରପତ୍ର ରାଷ୍ଟ୍ରପତିଙ୍କ ନିକଟକୁ ପଠାଯିବା ସହ ସମସ୍ୟାର ସମାଧାନ ନହେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ପଣ୍ଡା ଏଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ବିଜୁ ଯୁବ ବାହିନୀଙ୍କୁ କ୍ରୀଡ଼ା ଉପକରଣ ବଣ୍ଟନ

ବୁଗୁଡ଼ା,୧୯।୧(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଓ ଏନ୍‌ଏସିର ବିଜୁ ଯୁବ ବାହିନୀକୁ ଶନିବାର କ୍ରୀଡ଼ା ଉପକରଣ ବଣ୍ଟନ କରାଯାଇଛି । ବ୍ଲକ ସଭାଗୃହରେ ଅନୁଷ୍ଠିତ ବିତରଣ ସମାରୋହରେ ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ଲକର ୧୮ ପଞ୍ଚାୟତର ବିଜୁ ଯୁବ ବାହିନୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା କ୍ରୀଡ଼ା ଉପକରଣ ବଣ୍ଟନ କରିଥିଲେ । ଏଥିରେ ବ୍ଲକ ଅଧ୍ୟକ୍ଷା ମାମି ସେନାପତି, ବିଡିଓ ସୁକାନ୍ତ ମାଝି, ଜିଲା ପରିଷଦ ସଭ୍ୟା ଭୁବନେଶ୍ୱର ଖଟାଇ, ବ୍ଲକ ସଂଯୋଜକ ସୁକାନ୍ତ ପାତ୍ର, ବିଜୁ ଯୁବ ବାହିନୀର କର୍ମକର୍ତ୍ତା ଓ ସଭ୍ୟମାନେ ଉପସ୍ଥିତ ଥିଲେ । ସେହିପରି ସ୍ଥାନୀୟ ଏନ୍‌ଏସି ଧର୍ମଶାଳା ପଡ଼ିଆରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବିଧାୟକ ଯୋଗଦେଇ ଏନ୍‌ଏସିର ଦୁଇ ବିଜୁ ଯୁବ ବାହିନୀଙ୍କୁ ମଧ୍ୟ କ୍ରୀଡ଼ା ଉପକରଣ ବଣ୍ଟନ କରିଥିଲେ । ଏଥିରେ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାଶ, କାଳୀ ଚରଣ ରଥ, ଏନ୍‌ଏସି କର୍ମଚାରୀମାନେ ଉପସ୍ଥିତ ଥିଲେ ।

#### ଭାଜପାର ଯୁବ ସମ୍ମିଳନୀ

### ୱାନ୍ ବୁଥ୍ ଟେନ ଯୁଥ୍ ପାଇଁ ପ୍ରସ୍ତୁତି

କୁକୁଡ଼ାଖଣ୍ଡି,୧୯।୧(ଡି.ଏନ.ଏ.)

ଆଗାମୀ ନିର୍ବାଚନ ନେଇ କୁକୁଡ଼ାଖଣ୍ଡିର ବିଭିନ୍ନ ସ୍ଥାନରେ ଭାଜପା ନିଜ କର୍ମୀ ଓ ଜନସାଧାରଣଙ୍କୁ ଡକାଇ ପ୍ରସ୍ତୁତି ଏବଂ ସମ୍ମିଳନୀ କରୁଛି । ଏ ନେଇ ସ୍ଥାନୀୟ ବ୍ଲକର ୮ ଓ ୯ନଂ. ଜୋନର ଯୁବକମାନଙ୍କୁ ନେଇ ମା' ମହୁରୀ କାଳୁଆ ପୀଠରେ ଏକ ସମ୍ମିଳନୀ ଶୁକ୍ରବାର କରାଯାଇଛି । ଗଞ୍ଜାମ ଜିଲା ଭାଜପା ଯୁବ ସଭାପତି ସିଦ୍ଧାନ୍ତ ଗଙ୍ଗଦେବଙ୍କ ଆହ୍ୱାନକ୍ରମେ ଶତାଧିକ ଯୁବକ ସମ୍ମିଳନୀରେ ଯୋଗ ଦେଇଛନ୍ତି। ବୁଥ୍ ସ୍ତରରେ ମଜଭୁତ କରିବା ପାଇଁ ଯୁବକମାନଙ୍କୁ ସେ ଉତ୍ସାହିତ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ଗୋବିନ୍ଦ ବିଷୋୟୀ, ରାମ ସାମଲ, ଏ. ନନ୍ଦକିଶୋର, ରାମ ପାତ୍ର, ରବି ବରାଡ଼ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଅତିରିକ୍ତ ଜିଲା ଦୌରା ଜଜ୍ କୋର୍ଟ ଉଦ୍‌ଘାଟିତ

ଖଲ୍ଲିକୋଟ,୧୯।୧(ଡି.ଏନ୍.ଏ.)

ଖଲ୍ଲିକୋଟରେ ଥିବା କୋର୍ଟ ପରିସରରେ ଶନିବାର ନୂତନ ଭାବେ ଏଡିଜେ କୋର୍ଟ ରାଜେନ୍ଦ୍ର ପ୍ରସାଦ ରଥଙ୍କ ପୌରୋହିତ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟ ଜଷ୍ଟିସ୍ ଡ. ଅକ୍ଷୟ କୁମାର ରଥ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ଏଠାରେ ଜେଏମ୍‌ଏଫ୍‌ସି (ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ) ଏବଂ ସବ୍‌ଜଜ୍ କୋର୍ଟ ଥିଲା। ଖଲ୍ଲିକୋଟ ବାର ପକ୍ଷରୁ ଏଡିଜେ କୋର୍ଟ ପ୍ରତିଷ୍ଠା ପାଇଁ ଦାବି ହେଉଥିଲା। ଉଦ୍‌ଘାଟନୀରେ ଗଞ୍ଜାମ ଜିଲା ଦୌରା ଜଜ୍ ବିଭୁପ୍ରସାଦ ରାଉତରାୟ ସମ୍ମାନିତ ଅତିଥ ଭାବେ ଯୋଗ ଦେଇ ଏବିସି (ଆଟିଚ୍ୟୁଡ୍, ବିହେଭିଅର, କରିକୁଲମ୍) ଜଣେ ଆଇନଜୀବୀଙ୍କ ରହିବା ଆବଶ୍ୟକ ବୋଲି କହିଥିଲେ। ପରେ ମୁଖ୍ୟ ଅତିଥି କୋର୍ଟ ପରିସରରେ ଚାରା ରୋପଣ କରିଥିଲେ। ଏହି ଉତ୍ସବରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଉପଜିଲାପାଳ ଦେବବ୍ରତ ସାହୁ, ଖଲ୍ଲିକୋଟ ତହସିଲଦାର ଚିତ୍ତରଞ୍ଜନ ମହନ୍ତ, ବିଡିଓ ନବକୃଷ୍ଣ ଜେନା, ସିଡିପିଓ ମମତାରାଣୀ ପାତ୍ର, ଓକିଲ ଲଲାଟେନ୍ଦୁ ସାମନ୍ତରା, ତାପସ ଆଚାର୍ଯ୍ୟ, ଖଲ୍ଲିକୋଟ ସବ୍‌ଜଜ୍ ପ୍ରଶାନ୍ତ ବେହେରାଙ୍କ ସମେତ ଛାତ୍ରୀଛାତ୍ର, ବହୁ ମହିଳା ଗ୍ରୁପ ସଦସ୍ୟ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।


ଜଷ୍ଟିସ୍ ଡ. ଅକ୍ଷୟ କୁମାର ରଥଙ୍କ ସହ ଓକିଲମାନେ।

## ପାଣି ପଞ୍ଚାୟତ ପକ୍ଷ

# ପାଣିର ସୁଷମ ବଣ୍ଟନ ଉପରେ ବିଧାୟକଙ୍କ ଗୁରୁତ୍ୱ

ଛତ୍ରପୁର,୧୯।୧(ଡି.ଏନ.ଏ.)

ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁ ପଞ୍ଚାୟତ ଅଧୀନ ହୁମୁରି ତାମ୍ପରା କ୍ଷୁଦ୍ର ଜଳସେଚନ ପ୍ରକଳ୍ପଠାରେ ଶନିବାର କ୍ଷୁଦ୍ର ଜଳସେଚନ ବିଭାଜନ ଗଞ୍ଜାମ-୨ ଆନୁକୂଲ୍ୟରେ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି । ଅଧୀକ୍ଷଣ ଯନ୍ତ୍ରୀ ଇଂ ପ୍ରଭାତ ଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ ଯୋଗଦେଇ ପାଣି ପଞ୍ଚାୟତ ଗଠନ ଉପରେ ଗୁରୁତ୍ୱ ଦେବା ସହ ପାଣିର ସୁଷମ ବଣ୍ଟନ କରିବା ଦ୍ୱାରା ଚାଷୀମାନେ ଲାଭବାନ ହୋଇପାରିବେ ବୋଲି କହିଥିଲେ। ଏହି ଅବସରରେ ପୂର୍ବରୁ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ନେଇ ଅନୁଷ୍ଠିତ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା, ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍.ଧନଞ୍ଜୟ ରେଡ୍ଡୀ, ପୋଡାପଦର ସରପଞ୍ଚ ପୀତାମ୍ବର ପଣ୍ଡା, ଅଗସ୍ତି ନୂଆଗାଁ ସମିତିସଭ୍ୟା ବାସନ୍ତୀ ଜାନୀ, ଜିଲା ପରିଷଦ ସଭ୍ୟା ଏ. ସୀତାମ୍ମା, ଇଂ.ମାନସ ରଞ୍ଜନ ଦାସ, ଇଂ.ନାରାୟଣ ନାୟକ, ଇଂ ଶକ୍ତିକାନ୍ତ ଜେନା, ପ୍ରଫୁଲ୍ଲ କୁମାର ସାହୁ, ମହେଶ୍ୱର ବରାଡ ଓ ଆଭା ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଛତ୍ରପୁର କଂଗ୍ରେସର ବୈଠକ

# ଦଳୀୟ ସଂଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ



ବୈଠକରେ କଂଗ୍ରେସନେତାମାନେ ଉପସ୍ଥିତ ଅଛନ୍ତି।

ଛତ୍ରପୁର,୧୯।୧(ଡି.ଏନ.ଏ.)

ଛତ୍ରପୁରରେ କଂଗ୍ରେସକୁ ସୁଦୃଢ କରିବା ପାଇଁ ଏକ ବୈଠକ ସ୍ଥାନୀୟ ବ୍ୟାଘ୍ରଦେବୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଛତ୍ରପୁର ଏନ୍‌ଏସିର ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା କଂଗ୍ରେସ ସଭାପତି ଡ.ତ୍ରିନାଥ ବେହେରା ଯୋଗଦେଇ ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ସମସ୍ତ ଦଳୀୟ କର୍ମୀ ଏକାଠି ହୋଇ କାର୍ଯ୍ୟକଲେ ସଫଳତା ପାଇପାରିବ ବୋଲି କହିଥିଲେ। ଜିଲା କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତିକୁ ସମାଲୋଚନା କରିଥିଲେ। ଛତ୍ରପୁର ନଗର ସଭାପତି ଭାବେ ଯୁବନେତା ଜଲାଲ ଖାନଙ୍କୁ ନୂତନ ଭାବେ ମନୋନୀତ କରାଯାଇଛି। ମନୋନୀତ ହେବାପରେ ଖାନ ନିଜ ବକ୍ତବ୍ୟରେ ଛତ୍ରପୁରରେ ଯୁବ ସମାଜକୁ ଏକତ୍ରିତ କରି ଦୁର୍ନୀତି ବିରୋଧରେ ଲଢେଇ ଜାରି ରଖିବେ ବୋଲି କହିଥିଲେ। ବୈଠକରେ ଗଞ୍ଜାମ ଏନ୍‌ଏସିର ପୂର୍ବତନ ନଗରପାଳ ସୁଧୀର ବିଶ୍ୱାଳ, ଛତ୍ରପୁର ନିର୍ବାଚନ ମଣ୍ଡଳୀ ଯୁବଛାତ୍ର ସଭାପତି ବଳିଆ ବେହେରା, ଛତ୍ରପୁରର ପୂର୍ବତନ ଉପନଗରପାଳ ଏମ୍.ଆଦିସ୍ୱାମୀ ରେଡ୍ଡୀ, ପୂର୍ବତନ ସରପଞ୍ଚ ରାମସ୍ୱାମୀ ରେଡ୍ଡୀ, ସୁଦାମ ପୁରୋହିତ, ବାବୁ ନାହାକ, ଜଗୁ ନାୟକ, ସୁବୋଧ କୁମାର ସ୍ୱାଇଁ, ପ୍ରଦୀପ ନାହାକ ଓ କାଳିଆ ରାଉଳଙ୍କ ସମେତ ଛତ୍ରପୁର ଏନ୍‌ଏସିର ସମସ୍ତ ଓାର୍ଡର ଯୁବପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ମଦ ଜବତ, ୨ ଗିରଫ

ଗୋପାଳପୁର,୧୯।୧

ଗୋଳନ୍ଥରା ଥାନା ପୋଲିସ ଚୋରା ଦେଶୀ ମଦ ବିକ୍ରି ଅଭିଯୋଗରେ ଦୁଇଟି ଗ୍ରାମରେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଟାମଣାର ସନ୍ତୋଷ ସାହୁ, ଏକସିଂର କେ. ଉମାପତି । ଏ ନେଇ ନଂ. ୯/୧୯ ଓ ୧୦/୧୯ରେ ମାମଲା ରୁଜୁ ହୋଇଛି । ଆଗାମୀ ଦିନରେ ଚଢ଼ାଉ ଜୋରଦାର କରାଯିବ ବୋଲି ପୋଲିସ ସୂଚନା ଦେଇଛି । ଗତ କିଛିଦିନ ହେଲା ଟାମଣା ଓ ଏକସିଂ ଗ୍ରାମରେ ଚୋରା ଦେଶୀ ମଦ ବିକ୍ରି କରାଯାଉଥିବା ଖବର ପାଇ ଶନିବାର ଗୋଳନ୍ଥରା ଥାନାରେ ପୋଲିସ ଚଢ଼ାଉ କରି ସନ୍ତୋଷଙ୍କଠାରୁ ୯୦ ପ୍ୟାକେଟ ଓ ଉମାପତିଙ୍କଠାରୁ ୨୦୦ ପ୍ୟାକେଟ ମଦ ଜବତ କରିଥିଲେ।

## ନବଜାତ ଶିଶୁ ଆଖି ବୁଜିବା ଘଟଣା

# ଭାଜପା ସହାୟତାରେ ପରିବାର ଲୋକଙ୍କ ଥାନାରେ ଅଭିଯୋଗ

ଦାରିଙ୍ଗବାଡ଼ି,୧୯।୧(ଡି.ଏନ.ଏ)

ଦାରିଙ୍ଗବାଡ଼ିର ଏକ ସେବାଶ୍ରମରେ ନାବଳିକା ଅଷ୍ଟମ ଶ୍ରେଣୀ ଛାତ୍ରୀ ମା' ହେବା ଘଟଣା ଓ ପରେ ନବଜାତ ଶିଶୁକନ୍ୟା ଆଖିବୁଜିବା ଘଟଣାକୁ ନେଇ ଶନିବାର ଭାଜପା ପକ୍ଷରୁ ନାବାଳିକାଙ୍କ ପରିବାର ସହ ଦାରିଙ୍ଗବାଡ଼ି ଥାନାରେ ଅଭିଯୋଗ କରାଯାଇଛି । ଶିଶୁ କନ୍ୟାକୁ ଜାଣିଶୁଣି ମାରି ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି । ଭାଜପା ଜିଲା ସଭାପତି ଲିଙ୍ଗରାଜ ଦଳବେହେରା, ସାଧାରଣ ସମ୍ପାଦକ ତପନ ପାତ୍ର, ଉପସଭାପତି ବିଷ୍ଣୁ ଚରଣ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନେତ୍ର ମାନସେଠ୍, କୃଷକ ମୋର୍ଚ୍ଚା ଜିଲା ସଭାପତି ଅବନେଶ୍ୱର ପ୍ରଧାନ, ଦାରିଙ୍ଗବାଡ଼ି ମଣ୍ଡଳ ସଭାପତି ଅରୁଣ ପ୍ରଧାନ, ସମ୍ପାଦକ ପ୍ରଭାକର ସାହୁ, ହରେନ କୁମାର ସାହୁ, ପ୍ରଦୀପ କୁମାର ସାହୁ, ବିରଞ୍ଚିନାରାୟଣ ସାହୁ, ସନ୍ତୋଷ କୁମାର ଦିଗାଳ, ଘନେଶ୍ୱର ପ୍ରଧାନ, ସରସିଳା ପ୍ରଧାନ, ଝୁନି ମୁଖୀ ଓ ମୀନକେତନ ସାହୁଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଟାଉନହଲରେ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଡକାଇ ଆଲୋଚନା କରିଥିଲେ । ପରେ ଶୋଭାଯାତ୍ରାରେ ଯାଇ ଦାରିଙ୍ଗବାଡ଼ି ଆଇଆଇସି ଅଲେଖ ଗରଡ଼ିଆଙ୍କୁ ଲିଖିତ ଅଭିଯୋଗ ଦେବା ସହ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଉଚିତ ନ୍ୟାୟ ପାଇଁ ଦାବି କରିଥିଲେ । ଆଇଆଇସି ଗରଡ଼ିଆ ମଧ୍ୟ ଏନେଇ ଠିକ ଭାବେ ତଦନ୍ତ ଚାଲିଥିବା କହିଥିଲେ । ସେମାନେ ଉଲ୍ଲେଖ କରିଥିବା ଅଭିଯୋଗରେ ବିଦ୍ୟାଳୟରେ ସେହି ସମୟରେ କାର୍ଯ୍ୟରତ କେତେକ ଶିକ୍ଷୟିତ୍ରୀଶିକ୍ଷକଙ୍କ ନାମ ଉଲ୍ଲେଖ କରିବା ସହ ବିଭାଗୀୟ ଜିଲା ଅଧିକାରୀ,ବିଭାଗୀୟ ମନ୍ତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏଥି ସହ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଏଥି ପାଇଁ ଦାୟୀ କରାଯାଇଥିଲା । ଘଟଣାରେ ଜିଲାପାଳ ମୁହଁ ଖୋଲୁନଥିବା ନେଇ ଭାଜପା ଅସନ୍ତୋଷ ବ୍ୟକ୍ତ କରିଥିଲା ।


ଥାନାରେ ଭାଜପା ନେତାମାନେ ଆଇଆଇସି ଅଲେଖ ଗରଡ଼ିଆଙ୍କ ସହ ଆଲୋଚନା କରୁଛନ୍ତି।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ